# Akashvani, Sambalpur

# SAMBALPURI NEWS BULLETIN

## 26 January 2025- 6.47- 6.52 am.

*********************************************

ରାଷ୍ଟ୍ରପତି- ଅଭିଭାଷଣ୍         ଆର୍‌ଏନ୍‌ୟୁ/ କଟକ୍

୭୬ ନମ୍ବର୍ ସାଧାରଣତନ୍ତ୍ର ଦିବସ୍ ଆଘୋନୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଲାକାଏଲ୍ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କରିଛନ୍ । ଇ ଅବ୍‌ସରେ ରାଷ୍ଟ୍ରପତି ଦେଶ୍‌ବାସୀଙ୍କୁ ହାର୍ଦ୍ଦିକ୍ ଅଭିନନ୍ଦନ୍ ଜନାବାର୍ ସହେତେ ଦେଶ୍ ଲାଗି ଜୀବନ୍ ଦେଇଥିବା ବୀର୍ ଯବାନ୍ ମାନ୍‌କୁ ସୁର୍‌ତା କରିଛନ୍ । ଇ ବଛର୍ ଭଗ୍‌ବାନ୍ ବିର୍ସାମୁଣ୍ଡାଙ୍କର୍ ଶହେ ୫୦ ନମ୍ବର୍ ଜୟନ୍ତୀ ପାଲନ୍ କର୍‌ବାର୍ ବିଷେକେ ନେଇକରି ରାଷ୍ଟ୍ରପତି ସ୍ୱାଧୀନତା ସଂଗ୍ରାମ୍‌ଥି ତାଙ୍କର୍ ଅବଦାନ୍‌କେ ସୋର୍ ପକେଇଛନ୍ । ମହାତ୍ମାଗାନ୍ଧୀ, ରବୀନ୍ଦ୍ର ନାଥ ଟେଗୋର୍ ଆର୍ ବାବା ସାହେବ୍ ଆମ୍ବେଦ୍‌କର୍‌ଙ୍କର୍ ବାଗିର୍ ମହାନ୍ ବ୍ୟକ୍ତିତ୍ୱ ମାନ୍‌କୁ ଭିଲ୍ ରାଷ୍ଟ୍ରପତି ମନେ ପକେଇଛନ୍ । ଆମର୍ ସମ୍ବିଧାନ୍ ଗୁଟେ ଜୀବନ୍ତ ଦସ୍ତାବିଜ୍ ହେଇପାରିଛେ । ଗଲା ୭୫ ବଛର୍

ଧରିକରି ସମ୍ବିଧାନ୍ ଆମର୍ ପ୍ରଗତିର୍ ବାଟ୍‌କେ ପ୍ରଶସ୍ତ କରିଛେ ବଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ ।

ସାଧାରଣତନ୍ତ୍ର ଦିବସ-ବାର୍ତା ଆର୍‌ଏନ୍‌ୟୁ / ସମ୍ବଲପୁର

ସାଧାରଣତନ୍ତ୍ର ଦିବସ୍ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇକରି ଭାରତ୍‌ର ଗଣତନ୍ତ୍ରକେ ବର୍‌କସ୍ କର୍‌ବାର୍ ଦିଗେ ଦେଶର୍ ସମ୍ବିଧାନ୍‌ର ବଡ଼୍ ଭୂମିକା ରହିଛେ ବଲି କହିଛନ୍ । ବହୁତ୍ ବାଧା ଆର୍ ଆହ୍ୱାନ୍‌କେ ହରେଇକରି ଗୁଟେ ବର୍‌କସ୍ ସଂକଳ୍ପର୍ ସହେତେ ଦେଶ୍ ଆଗ୍‌କେ ବଢ଼୍‌ବାର୍ ଲାଗି ପ୍ରତିଶ୍ରୁତିବଦ୍ଧ ବଲିକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ଇ ଅବ୍‌ସରେ ରାଜ୍ୟପାଲ୍ ହରିବାବୁ କମ୍ଭମ୍‌ପାଟି ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇକରି ଓଡ଼ିଶାକେ ଗୁଟେ ସମୃଦ୍ଧ, ଅଗ୍ରଣୀ ଆର୍ ବିକଶିତ୍ ରାଜ୍ୟ ହିସାବେ ଗଠନ୍ କର୍‌ବାର୍ ଲାଗି ଶପଥ୍ ନେବାର୍‌କେ ଆହ୍ୱାନ୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟବାସୀଙ୍କୁ ଅଭିନନ୍ଦନ୍ ଜନେଇକରି ସମୃଦ୍ଧ, ବିକଶିତ୍ ଓଡ଼ିଶା ଗଠନ୍ ସହେତେ ଦେଶର୍ ଏକତା ଆର୍ ଅଖଣ୍ଡତା ବଜାୟ ରଖ୍‌ବାର୍ ଲାଗି ସଂକଳ୍ପ ବଦ୍ଧ ହେବାର୍‌କେ ଅହ୍ୱାନ୍ ଦେଇଛନ୍ ।

ଜାତୀୟ ସାଧାରଣ୍‌ତନ୍ତ୍ର ଦିବସ୍ ସମାରୋହ/ଆର୍‌ଏନ୍‌ୟୁ ସମ୍ବଲ୍‌ପୁର୍

ନୂଆଦିଲ୍ଲୀର୍ କର୍ତବ୍ୟପଥ ନ ହେବାର୍‌କେ ଥିବା ଜାତୀୟ ସାଧାରଣ୍‌ତନ୍ତ୍ର ଦିବସ୍ ସମାରୋହଥି ଆଏଜ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜାତୀୟ ପତାକା ଉତୋଲନ୍ କରିକରି ସମ୍ମିଲିତ୍ ପେରେଡ୍‌ର ଅଭିବାଦନ୍ ଗ୍ରହଣ୍ କର୍‌ବେ । ତିନ୍‌ହି ସେନା, ଅର୍ଦ୍ଧସାମରିକ୍ ବାହିନୀ, ଏନ୍‌ସିସି, ଏନ୍‌ଏସ୍‌ଏସ୍, ଭିନ୍ ଭିନ୍ ବର୍ଗର୍ ସାମରିକ୍, ପୁଲିସ୍ ବାହିନୀ ତର୍‌ଫୁ ସମ୍ମିଲିତ୍ ପେରେଡ୍ ହେବା ।

ଇତାର୍ ଆଘୋନୁ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀ ଠାନେ ଜାତୀୟ ଯୁଦ୍ଧସ୍ମାରକୀ ନ ଶହୀଦ୍ ମାନ୍‌କୁ ଶ୍ରଦ୍ଧାଞ୍ଜଳି ଦେବେ । ସମାରୋହଥି ମୁଖ୍ୟଅତିଥି ଭାବେ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରାବୋଓ ସୁବିଆନ୍ତୋ ଯୋଗ୍ ଦେବେ ।

ଜାତୀୟ ସାଧାରଣତନ୍ତ୍ର ଦିବସ୍ ସମାରୋହର୍ ସିଧା ପ୍ରସାରଣ୍ ସଖାଲର୍ ୯ ବଜେନୁ ଦୂରଦର୍ଶନ୍ ଟିଭି ଚେନାଲ୍ ଆର୍ ୱେଭ୍‌ସ୍ ଓଟିଟି ଚେନାଲ୍‌ଥି ହେବା ।

ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ୍ ସମାରୋହ ଭୁବ୍‌ନେଶ୍ୱର୍ ଗାନ୍ଧୀ ମାର୍ଗ ଠାନେ ହେବା । ରାଜ୍ୟପାଲ୍ ଡକ୍ଟର୍

ହରିବାବୁ କମ୍ପମ୍‌ପାଟି ପରେଡ୍‌ଥି ଅଭିଭାଦନ୍ ଗ୍ରହଣ୍ କର୍‌ବେ । କଟକ୍ ଠାନେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଜାତୀୟ ପତାକା ଉତୋଲନ୍ କର୍‌ବେ ।
ସେନ୍ତା ସୁନ୍ଦର୍‌ଗଡ୍ ନ ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ, ନୂଆପଡ଼ା ନ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍, ସୁବର୍ଣ୍ଣପୁର୍ ନ ପଂଚାୟତ୍‌ରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଆର୍ ସମ୍ବଲ୍‌ପୁର୍ ନ ଜିଲ୍ଲାପାଳ୍ ପତାକା ଉତୋଲନ୍ କର୍‌ବାର୍ ସହେତେ ପରେଡ୍‌ର ଅଭିବାଦନ୍ ଗ୍ରହଣ୍ କର୍‌ବେ ବଲି ସୂଚ୍‌ନା ନ ମିଲିଛେ । ଇ ବଛର୍ ସମ୍ବଲ୍‌ପୁର୍ ଠାନେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ୍ ସମାରୋହ ରିଜର୍ଭ ପୁଲିସ୍ ପଡ଼ିଆ ଠାନେ ହେବାର୍‌କେ ଯାଉଛେ ।

ଜନବସତି ଶୂନ୍ୟ ଦ୍ୱୀପ            ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ୧୦ ଟା ଜନବସତି ନାଇଁଥିବାର୍ ଇଲାକା ନ ଗଲାକାଏଲ୍ ଜାତୀୟ ପତାକା ଉଡ଼ିଛେ । ଗଲା ନଭେମ୍ବର୍ ମାସେ ହେଇଥିବା ସର୍ବଭାରତୀୟ ଆରକ୍ଷୀ ମହାନିର୍ଦ୍ଦେଶକ୍ ସମ୍ମିଳନୀଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ନିର୍ଦ୍ଦେଶ୍ ଦେବାର୍ ଉତ୍‌ରୁ ଗଲାକାଏଲ୍ ସାଧାରଣତନ୍ତ୍ର ଦିବସ୍ ଆଘୋନୁ ଓଡ଼ିଶାର୍ ୧୦ ଟା

ଉପକୂଳ ଦ୍ୱୀପକେ ଚିହ୍ନଟ୍ କରାଯାଇକରି ଜାତୀୟ ପତାକା ଉଡ଼ାଯାଇଛେ ।

ପଦ୍ମ ପୁରସ୍କାର୍ ଆର୍ଏନ୍‌ୟୁ / ସମ୍ବଲପୁର

ରାଷ୍ଟ୍ରପତିଙ୍କର୍ ଅନୁମୋଦନ୍‌ଥି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତର୍ଫୁ ପଦ୍ମ ପୁରସ୍କାର୍ ୨୦୨୫ ଘୋଷ୍‌ନା କରାଯାଇଛେ । ଇ ବଛର୍ ୧୩୯ ଝନ୍‌ଙ୍କୁ ପଦ୍ମ ପୁରସ୍କାର୍ ଦିଆଯାଇଛେ । ସେଥିରୁ ୭ ଝନ୍‌ଙ୍କୁ ପଦ୍ମ ବିଭୂଷଣ, ୧୯ ଝନ୍‌ଙ୍କୁ ପଦ୍ମଭୂଷଣ ଆଉ ୧୧୩ ଝନ୍‌ଙ୍କୁ ପଦ୍ମଶ୍ରୀ ପୁରସ୍କାର ଲାଗି ମନୋନୀତ୍ କରାଯାଇଛେ । ସେଥିର୍ ଭିତ୍‌ରୁ ଓଡ଼ିଶାନୁ ୪ ଝନ୍ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କର୍ ନାଁ ରହିଛେ । ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ଅଦ୍ୱୈତ ଚରଣ ଗଡ଼ନାୟକ, ଭେଷଜ ବିଜ୍ଞାନର ପ୍ରଖ୍ୟାତ ଚିକିତ୍ସକ ଡାକ୍ତର ଅଶୋକ କୁମାର ମହାପାତ୍ର, ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ଦୁର୍ଗାଚରଣ ରଣବୀର ଆର୍ ବିଶିଷ୍ଟ ସାହିତ୍ୟିକା ଡକ୍ଟର ପ୍ରତିଭା ଶତପଥୀଙ୍କୁ ଇ ବଛର୍ ସମ୍ମାନ୍ ଜନକ୍ ପଦ୍ମ ପୁରସ୍କାର୍ ଦିଆଯିବା । ପୁରସ୍କାର୍ ଲାଗି ମନୋନୀତ୍ ହେଇଥିବା ସମ୍‌କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ

ମୋହନ ଚରଣ ମାଝୀ ଆଉ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ଙ୍କୁ ଶୁଭେଚ୍ଛା ଜନେଇଛନ୍ ।

ଜାତୀୟ ସାହସିକତା ଆର୍ ସେବା ପୁରସ୍କାର I&PR

ସାଧାରଣତନ୍ତ୍ର ଦିବସ୍ ଅବ୍ସରେ ଭିନ୍ ଭିନ୍ ରାଜ୍ୟର୍ ପୁଲିସ୍, ଅଗ୍ନିଶମ ବାହିନୀ, ହୋମ୍ଗାର୍ଡ଼୍, ଆଉ ସିଭିଲ୍ ଡିଫେନ୍ସ ବାଗିର୍ କ୍ଷେତ୍ର ମାନ୍କେ ଉଲ୍ଲେଖନୀୟ ସେବା ଆର୍ ସାହସିକତା ଲାଗି ଜାତୀୟ ସାହସିକତା ଆର୍ ସେବା ପୁରସ୍କାର୍ ଘୋଷ୍ନା କରାଯାଇଛେ । ଇ ବଛର୍ ଉଲ୍ଲେଖନୀୟ ସେବା ଲାଗି ରାଜ୍ୟର୍ ୧୯ ଝନ୍ ପୁଲିସ୍ ଅଧିକାରୀଙ୍କୁ ସମ୍ମାନ୍ଜନକ୍ ପୁରସ୍କାର୍ ଦିଆଯିବା । ଇ ବାବ୍ଦେ କେନ୍ଦ୍ର ଗୃହମନ୍ତ୍ରଣାଳୟ ତର୍ଫୁ ତାଲିକା ବାହାରିଛେ । ବିଶିଷ୍ଟ ସେବା ଲାଗି ୨ ଝନ୍କୁ ରାଷ୍ଟ୍ରପତି ପଦକ୍, କାର୍ଯ୍ୟକ୍ଷେତ୍ରଥି ସାହସିକତା ଦେଖେଇଥିବାର୍ ଲାଗି ୬ ଝନ୍କୁ ସାହସିକତା ପୁଲିସ୍ ସେବା ପଦକ୍ ଆର୍ ୧୧ ଝନ୍କୁ ଉଲ୍ଲେଖନୀୟ ପୁଲିସ୍ ସେବା ପଦକ୍ ଦିଆଯିବା ।

ମୁଖ୍ୟମନ୍ତ୍ରୀ-ଜନଅଭିଯୋଗ୍ ଶୁଣାଣି I&PR

ଭୁବ୍‌ନେଶ୍ୱର୍ ୟୁନିଟ୍- ୫ ନ ଆଏବାକାଏଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନଅଭିଯୋଗ୍ ଶୁଣାଣି  ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଗୁରୁତ୍ୱପୂର୍ଣ୍ଣ କାମ୍ ରହୁଥିବାର୍‌ନୁ ଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ହକି ଇଣ୍ଡିଆ ଲିଗ୍          ଆର୍‌ଏନ୍‌ୟୁ /ସମ୍ବଲପୁର

ହକି ଇଣ୍ଡିଆ ଲିଗ୍‌ର ଆଏଜ୍ ମହିଳା ବର୍ଗଥି ରାଂଚିଠାନେ ଫାଇନାଲ୍ ମେଚ୍‌ଥି ଓଡ଼ିଶା ୱାରିୟର୍ସ ଆର୍ ସୁର୍‌ମା ହକି କ୍ଲବ୍ ଭେଟ୍‌ବେ ।

ଗଲାକାଏଲ୍ ପୁରୁଷ ବର୍ଗଥି ରାଉର୍‌କେଲା ବିର୍ସାମୁଣ୍ଡା ଷ୍ଟାଡ଼ିୟମ୍ ଠାନେ ଟିମ୍ ଗୋନାସିକା- ତାମିଲ୍‌ନାଡୁ ଡ୍ରାଗନ୍ସ ୪-୨ ଗୋଲ୍‌ଥି ହରେଇଥିଲା । ହାଇଦ୍ରାବାଦ୍ ତୋଫାନ୍ସ ୩-୧ ଗୋଲ୍‌ଥି ୟୁପି ରୁଦ୍ରାସ୍‌କେ ହରେଇଥିଲା ।